# ହନୁମାନ ଜୟନ୍ତୀ ଉପଲକ୍ଷେ ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ



ଦାମନଯୋଡ଼ି,୧୨।୪(ସମିସ): ଓଡ଼ିଶାର ସର୍ବୋଚ୍ଚ ଶ୍ରୀଅଭୟ ଆଞ୍ଜେନେୟଙ୍କ ବିଗ୍ରହ ଓ ଅଷ୍ଟଧାତୁ ମୂର୍ତ୍ତୀଙ୍କ ୪ଦିନ ବ୍ୟାପି ହେଉଥିବା ହନୁମାନ ଜୟନ୍ତୀ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ ହୋଇଛି। ରବିବାର କଳସାଧିବାସ, ଆଚାର୍ଯ୍ୟାଦି ବରଣ,ମଣ୍ଡଳାଦି ପୂଜନ, ଅଗ୍ନି ସଂସ୍କାର ଓ ହବନ ଅନୁଷ୍ଠିତ ହୋଇଯାଇଛି। ସକାଳେ ପୂଜାର୍ଚ୍ଚନା ପରେ ହନୁମାନ ବାଟିକା ପରିସରରେ ଥିବା ସରଯୁ ପୁଷ୍କରିଣୀରୁ କର୍ତ୍ତାକରିଣୀ ଓ ଶତାଧିକ ଶ୍ରଦ୍ଧାଳୁ ମହିଳା କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ହରିବୋଲ, ହୁଳହୁଳି, ପାରମ୍ପରିକ ବାଦ୍ୟ ଓ ସଙ୍କୀର୍ତ୍ତନ ସହିତ ଜୟ ଶ୍ରୀରାମ ଓ ଜୟ ବଜରଙ୍ଗବାଲି ନାରା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରୁ ଆସିଥିବା ପଣ୍ଡିତ ବିନୟ କୁମାର ମିଶ୍ର, ପଣ୍ଡିତ ଅଜୟ କୁମାର ଦାଶ, ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ପଣ୍ଡିତ ସର୍ବେଶ୍ୱର ନନ୍ଦ, ପଣ୍ଡିତ ପ୍ରଶାନ୍ତ କୁମାର ବ୍ରହ୍ମା, ପଣ୍ଡିତ ମହେଶ୍ୱର ପଣ୍ଡା, ପଣ୍ଡିତ ଶ୍ରୀଧର କୁମାର ଦାଶ, ପଣ୍ଡିତ ଦୀନବନ୍ଧୁ ମହାରଥୀ ପ୍ରମୁଖଙ୍କ ସହିତ ଶ୍ରୀଅଭୟ ଆଞ୍ଜେନେୟଙ୍କ ମନ୍ଦିରର ନିୟମିତ ପୂଜକ ବଳରାମ ରଥ ଓ ପ୍ରଭାତ କୁମାର ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ଶ୍ରୀ ଯଜ୍ଞ ବରାହଙ୍କ କର୍ତ୍ତା ରୂପେ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ମିତା ପଟ୍ଟନାୟକ, ଋଷିକେଶ ବାହାଦୁର ସିଂ ଓ ତାଙ୍କ ଧର୍ମପତ୍ନୀ ସରିତା ସିଂ, ଏନ ରବି କୁମାର ଓ ତାଙ୍କ ଧର୍ମପତ୍ନୀ ରେଣୁକା, କ୍ଷୀରୋଦ କୁମାର ବିଷୋୟୀ ଓ ତାଙ୍କ ଧର୍ମପତ୍ନୀ ରାକ୍ଷୀ ସାହୁ ଦାୟିତ୍ୱ ତୁଲାଇଥିଲେ। ଶ୍ରୀଅଭୟ ଆଞ୍ଜେନେୟ ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ସରୋଜ କୁମାର ସ୍ୱାଇଁ, ଶତ୍ରୁଘ୍ନ ଖରା, ଶୁଭ୍ରଜିତ ଜେନା, ଶମ୍ଭୁପ୍ରସାଦ ପାତ୍ର, ଶ୍ୟାମସୁନ୍ଦର ପଣ୍ଡା, ହରି ଗଦବା, ସଦାନନ୍ଦ ସାହୁ ଓ ଆଲୋକ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ହନୁମାନ ବାଟିକା ବାହାରେ ଷ୍ଟଲ୍ ଗୁଡ଼ିକରେ ଭାରତର ବିଭିନ୍ନ ପ୍ରାନ୍ତରୁ ହସ୍ତତନ୍ତ ଓ ହସ୍ତଶିଳ୍ପ ସହିତ ଖାଦ୍ୟ ମେଳା ବ୍ୟବସ୍ଥା ହୋଇଛି।

## ଗାଁକୁ ନାହିଁ ରାସ୍ତା, ପହଞ୍ଚିଲାନି ଆମ୍ବୁଲାନ୍ସ

# ୩ କିମି ଖଟିଆରେ ମୃତଦେହ ବୋହିଲେ ଗ୍ରାମବାସୀ



ଗୁଡାରି,୧୨।୪(ସମିସ ) ଗୁଡାରୀ ବ୍ଲକର ଖଡିକାପଦର ଗାଁକୁ ରାସ୍ତା ନ ଥିବା ଯୋଗୁଁ ମୃତଦେହକୁ ଖଟିଆରେ ବୋହି ଗାଁକୁ ନେଲେ ଗ୍ରାମବାସୀ। ଏପରି ଏକ ହୃଦୟ ବିଦାରକ ଘଟଣା ଗୁଡାରୀ ବ୍ଲକର କାର୍ଲାଘାଟି ପଞ୍ଚାୟତର ଖଡିକାପଦର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗୁଡାରି ବ୍ଲକ କର୍ଲାଘାଟି ପଞ୍ଚାୟତର ଖଡ଼ିକା ପଦର ଗ୍ରାମର ଜଣେ ଯୁବକ ମାଟେଡି କିମ୍ବାକା (୪୦) କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ବିଷମ କଟକ ମେଡିକାଲରେ ଶନିବାର ଦିନ ଠାରୁ ଚିକିତ୍ସିତ ହେଉଥିଲେ। ହଠାତ୍ ରବିବାର ଦିନ ସକାଳ ୯ଟା ସମୟରେ ମୃତ୍ୟୁ ବରଣ କରିଥିଲେ। ମୃତ ଶରୀରକୁ ଆମ୍ବୁଲାନ୍ସ ଯୋଗେ ନିଜ ଗାଁ ଖଡ଼ିକା ପଦର ନେଇଥିଲେ। ବିଷମ କଟକ ଠାରୁ ଦୀର୍ଘ ୩୫ କିଲୋମିଟର ବିରିପାଙ୍ଗା ଗ୍ରାମ ପର୍ଯ୍ୟନ୍ତ ଆଣିବା ପରେ ସେଠାରୁ ଖଡ଼ିକା ପଦର ରାସ୍ତା ଶୋଚନୀୟ ଥିବା ହେତୁ ଆମ୍ବୁଲାନ୍ସ ଡ୍ରାଇଭର ନେବା ପାଇଁ ମନା କରିଦେଇଥିଲେ। ଫଳରେ ବାଧ୍ୟ ହୋଇ ଗ୍ରାମବାସୀ ଏକତ୍ରିତ ହୋଇ ବିରିପାଙ୍ଗା ଠାରୁ ଖଡ଼ିକାପଦର ଦୀର୍ଘ ୩ କିଲୋମିଟର ଘାଟି ରାସ୍ତାରେ ଖଟିଆରେ ବୋହି ନିଜ ଗାଁ ଖଡ଼ିକାପଦରକୁ ନେଇଥିଲେ। କିଛିଦିନ ତଳେ ରାସ୍ତା, ପାନୀୟ ଜଳ, ଭଳି ମୌଳିକ ସୁବିଧା ବଞ୍ଚିତ ହେବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଜାଣିବା ପରେ ସେଠାରେ ପହଞ୍ଚି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ହାତକୁ ନେଇ ନାହାଁନ୍ତି। ଏପରିକି ଏହି ଗ୍ରାମକୁ ଗମନାଗମନର ସୁବିଧା ନ ଥିବା ଯୋଗୁଁ ଗର୍ଭବତୀ ମହିଳା ଏବଂ ବିପଦ ଜନକ ରୋଗୀଙ୍କୁ ଏଭଳି ଖଟିଆରେ ବୋହି ନେବାକୁ ପଡିଥାଏ। କାଳବୈଶାଖୀରେ ମଧ୍ୟ ଗାଁ ନିକଟରେ ବଡ଼ ବଡ଼ ଗଛ ପଡି ଯାଉଥିଲେ ମଧ୍ୟ ପ୍ରଶାସନ ଧ୍ୟାନ ଦେଇ ନଥିବା ସେଠାକାର ଜନଜାତି ଲୋକମାନେ କହିଛନ୍ତି। ଏଣୁ ଶୀଘ୍ର ଗାଁକୁ ରାସ୍ତା ପାନୀୟ ଜଳ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସେଠାକାର ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଦସ୍ତଗତ କରି କାର୍ଯ୍ୟକ୍ଷମ କରିବା ପାଇଁ କହିଛନ୍ତି।

**ଖଡିକାପଦର ଗାଁକୁ ବିକାଶ ଅପହଞ୍ଚ**

● **କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବୈଠକ**

# କୋଡିଙ୍ଗାମାଳି ଜନଶୁଣାଣିକୁ ବିରୋଧ; ଆନ୍ଦୋଳନ ଚେତାବନୀ



ଟିକିରି,୧୨।୪(ସମିସ): ରାୟଗଡ଼ ଜିଲ୍ଲାର କୋଡିଙ୍ଗାମାଳି ଆସନ୍ତା ମାସରେ ରାୟଗଡାଠାରେ ହେବାକୁ ଥିବା ଜନଶୁଣାଣିକୁ ନେଇ କାଶୀପୁର ବ୍ଲକର ପୋଡ଼ାପାରି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଞ୍ଚଳବାସୀମାନେ ଏକତ୍ରିତ ହୋଇ ପ୍ରସ୍ତାବିତ ଜନ ଶୁଣାଣିକୁ ସଂପୂର୍ଣ୍ଣ ଭାବେ ବିରୋଧ କରିଥିବା ଦେଖିବାକୁ ମିଳିଛି। ଏହି ବୈଠକରେ ଆଞ୍ଚଳିକ ବିକାଶ ପରିଷଦ, ଆଦିବାସୀ ସମାଜ ଓ ମହିଳା ଗୋଷ୍ଠୀର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। କୋଡିଙ୍ଗାମାଳୀରେ ୩ ମିଲିୟନ ଟନରୁ ୬ ମିଲିୟନ ଟନ ପର୍ଯ୍ୟନ୍ତ ବକ୍ସାଇଟ ଖନନ ବୃଦ୍ଧି ପାଇଁ ଯେଉଁ ଜଣଶୁଣାଣି ପ୍ରସ୍ତାବ ରହିଛି, ତାହାକୁ ଅଞ୍ଚଳବାସୀ ଘୋର ବିରୋଧ କରୁଥିବା ସ୍ପଷ୍ଟ ହୋଇଛି। ବୈଠକରେ ଅଞ୍ଚଳବାସୀମାନେ ପ୍ରଶ୍ନ ଉଠାଇଥିଲେ, ଏହି ଅଞ୍ଚଳରେ ଗଢ଼ିଉଠୁଥିବା ଆଦିତ୍ୟ ଆଲୁମିନା କମ୍ପାନୀକୁ ବକ୍ସାଇଟ ସାମଗ୍ରୀ ଯୋଗାଣ ନକରି ଅନ୍ୟ କମ୍ପାନୀଙ୍କୁ କାହିଁକି ଏହା ଦିଆଯାଉଛି। ଏହା ଅଞ୍ଚଳର ଉନ୍ନତିକୁ ବାଧା ଦେଉଥିବା ସହ ସ୍ଥାନୀୟ ଲୋକଙ୍କ ହିତକୁ ଅବହେଳା କରୁଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହା ସହିତ ଖନନ ବୃଦ୍ଧି ଫଳରେ ପରିବେଶ ଦୂଷଣ, ପାଣି ସମସ୍ୟା, ଚାଷ ଜମିର କ୍ଷତି ଓ ବିସ୍ଥାପନ ଭଳି ଗୁରୁତର ସମସ୍ୟା ସୃଷ୍ଟି ହେବା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଥିଲା। ବୈଠକରେ ଅଞ୍ଚଳ ବିକାଶ ପରିଷଦ ସଭାପତି ଡଉଲ ରତ୍ନ ଚୌଧୁରୀ, ଉପଦେଷ୍ଟା ରାଜେନ୍ଦ୍ର ଦୁରିଆ, ବିସ୍ଥାପିତ ପରିବାର କମିଟି ସମ୍ପାଦକ ବିଦ୍ୟାରତ୍ନ ଚୌଧୁରୀ, ଆଦିବାସୀ ସମାଜର ବରିଷ୍ଠ ବ୍ୟକ୍ତି କଂସାରୀ ଯାନୀ, ପୂର୍ବତନ ସରପଞ୍ଚ ଅର୍ଜି ମାଝୀ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ନୀଳକଣ୍ଠ ଝୋଡ଼ିଆ ଓ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଉପସ୍ଥିତ ରହିଥିଲେ। ସେମାନେ ଅଞ୍ଚଳବାସୀଙ୍କ ଅଧିକାର ରକ୍ଷା ପାଇଁ ସମସ୍ତଙ୍କୁ ଏକତ୍ର ରହିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପୋଡ଼ାପାଡ଼ି, କାଡାପଦର, କଂସାରୀଗୁଡା, ଫୁଲଯୋବା, ପୁହୁଣ୍ଡି ସହିତ ଅନେକ ଗ୍ରାମର ପୁରୁଷ ଓ ମହିଳାମାନେ ବଡ଼ ସଂଖ୍ୟାରେ ଯୋଗଦେଇଥିଲେ। ବୈଠକ ଶେଷରେ ଅଞ୍ଚଳବାସୀମାନେ ଯଦି ସରକାର ପକ୍ଷରୁ ଜଣଶୁଣାଣି କରାଯାଏ, ତେବେ ଏହାକୁ ଘୋର ବିରୋଧ କରାଯିବ ଓ ବିଶାଳ ଆନ୍ଦୋଳନ ଗଢ଼ିଉଠିବ ବୋଲି ସ୍ପଷ୍ଟ ଚେତାବନୀ ଦେଇଥିଲେ। ଅଞ୍ଚଳର ହିତ ବିରୋଧୀ କୌଣସି ସିଦ୍ଧାନ୍ତକୁ ସେମାନେ କେବେ ବି ସ୍ୱୀକାର କରିବେ ନାହିଁ ଏବଂ ନିଜ ଅଧିକାର ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି ସେମାନେ କହିଥିଲେ।

# ଇତିହାସ ବିଭାଗ ପକ୍ଷରୁ ମହାପୁରୁଷଙ୍କ ବନ୍ଦନା କାର୍ଯ୍ୟକ୍ରମ



ଜୟପୁର,୧୨।୪(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇତିହାସ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଦେଶ ଓ ରାଜ୍ୟର ମହାପୁରୁଷମାନଙ୍କ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଇତିହାସ ବିଭାଗର ମୁଖ୍ୟ ଡ. ରୁଶଭ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଡ. ଅରୁଣ କୁମାର ରାଜ ସ୍ୱାଧିନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ଉପରେ ନିଜ ଆଭିମୁଖ୍ୟ ପ୍ରଦାନ କରିଥିଲେ। ସେହିପରି ଡ. ଲକ୍ଷ୍ମଣ ପାତ୍ର ସ୍ୱାମୀ ବିବେକାନନ୍ଦ, ଡ. ରୁଷଭ କୁମାର ସାହୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଡ. ଅନୁରାଧା ପାଲ ରାଜ୍ୟ ଅନ୍ୟତମ ଶ୍ରେଷ୍ଠ ମହିଳା ରାମାଦେବୀ, ଡ. ମିନତି ନାୟକ ଜୟପୁର ମହାରାଜା ବିକ୍ରମ ଦେବ ବର୍ମା, ଡ. ହୃଷିକେଶ ବେହେରା ଉତ୍କଳମଣି ଗୋପବନ୍ଧୁ ଦାସ, ଲଲାଟେନ୍ଦୁ ଲେଙ୍କା ସ୍ୱାଧିତନା ସଂଗ୍ରାମୀ ବାଜି ରାଉତ, ପ୍ରିୟରଞ୍ଜନ ସାହୁ ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି, କିଶୋର ଗୁରୁ ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ଏବଂ ସୁକାନ୍ତି ସୋୟ ଓଡ଼ିଆ ପକ୍ଷ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉପରୋକ୍ତ ମହାପୁରୁଷ ମାନଙ୍କର ଆଦର୍ଶ, ନୀତି ଓ ଦେଶପ୍ରେମର ମହତ୍ତ୍ୱକୁ ଉଦ୍ଧାର କରି, ଆଧୁନିକ ଯୁଗରେ ଏହାର ପ୍ରାସଙ୍ଗିକତା ଉପରେ ଉଲ୍ଲେଖ କରିଥିଲେ। ଶେଷରେ ପଲ୍ଲବୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନି ଗଙ୍ଗାମ୍ମା ଯାତ୍ରା ପାଇଁ ପ୍ରସ୍ତୁତି

ସେମିଳିଗୁଡା,୧୨।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରର ଆରାଧ୍ୟ ଦେବୀ ଅଗ୍ନି ଗଙ୍ଗାମ୍ମାର ବାର୍ଷିକ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କମିଟିର ମୁଖ୍ୟ ପ୍ରଦୀପ କୁମାର ପାତ୍ରଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ଶନିବାର ସେମିଳିଗୁଡା ତହସିଲଦାର ଦେବବ୍ରତ କରାତ, ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନା ଏବଂ ସେମିଳିଗୁଡା ଥାନା ଅଧିକାରୀ ଅନିତା କୁଜୁରଙ୍କୁ ଭେଟି ଯାତ୍ରାକୁ ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଅଧିକାରୀମାନେ ଚଳିତ ମାସ ୧୫ ତାରିଖ ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ କରିବାକୁ ପରାମର୍ଶ ଦେଇଥିଲେ। ସେହି ଦିନ ଯାତ୍ରା ଅନୁଷ୍ଠିତ ତାରିଖ, ବ୍ୟବସ୍ଥା, କମିଟି ଦାୟିତ୍ୱ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ୨୩ ନମ୍ବର ୱାର୍ଡ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



ସେମିଳିଗୁଡା,୧୨।୪(ସମିସ): ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୨୩ ନମ୍ବର ୱାର୍ଡ ଉନ୍ନତି ଦିଗରେ ଦୃଷ୍ଟି ଦେବି ବୋଲି ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ରକ୍ଷା କରି ପୌରାଧ୍ୟକ୍ଷ ଉକ୍ତ ୱାର୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଦେଇଛନ୍ତି। ସୁନାବେଡା ପୌରପାଳିକାର ୨୩ ନମ୍ବର ୱାର୍ଡରେ ଥିବା ସଲୋମ ନଗର (ମେଦିରି ସାହି)ରେ ରାସ୍ତା ଏବଂ ଡ୍ରେନ କାମ ପାଇଁ ଶୁଭ ପଡିଛି। ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ୱାର୍ଡର ଉକ୍ତ ସାହି ପରିଦର୍ଶନ କରି ରାସ୍ତା ଏବଂ ଡ୍ରେନ କାମ ପାଇଁ ନଡ଼ିଆ ଭାଙ୍ଗି ଶୁଭ ଦେଇଛନ୍ତି। ପ୍ରାୟ ୧୫ ଦିନ ଭିତରେ ଉକ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସାହି ଭିତରେ ପଶିବା ପୂର୍ବରୁ ପିଏଚଡିର ବଡ଼ ବଡ଼ ପାଇପ ଥିବାରୁ ଉକ୍ତ ବିଭାଗରେ ଜେଇଙ୍କୁ ଡକାଇ ତୁରନ୍ତ ପାଇପକୁ ରାସ୍ତାରୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ବାଦିକ ଅଲେଖ ଦାସ, ଶିବ ଶକ୍ତି ବାଣିଜ୍ୟ ସଂଘ ସଭାପତି କେ. ରମେଶ, ସିମନ ଖରା, ଘେନୁ କୁଲଦୀପ, ରାମଦାସ ଗଦିଶ୍ୟାମ, ସାଧୁ ଧଡକା, ସୁମିତ କୁଲଦୀପ ଓ କାମେଶ ବେନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତଜୟନ୍ତୀ




ଟିକିରି,୧୨।୪(ସମିସ): ରାୟଗଡ଼ ଜିଲ୍ଲା ଟିକିରିଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ବର୍ଷ ପୂର୍ତ୍ତି ଅବସରରେ ୯ ଓ ୧୦ ତାରିଖ ଦୁଇଦିନ ଧରି ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନର ପ୍ରଥମ ପର୍ଯ୍ୟାୟରେ ଅତିଥି ରୂପେ କାଶୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଣ୍ଠ ମାଝୀ, ବକ୍ତା ରୂପେ ଆଦିବାସୀ ସଂଘ ସଭାପତି ଶିବ ମାଝୀ ଯୋଗଦେଇଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚାର ସାଧାରଣ ସମ୍ପାଦକ କାଳିରାମ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଅତିରିକ୍ତ ଶିକ୍ଷାଧିକାରୀ ପବିତ୍ର ମୋହନ ନାଏକ, ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ କୃଷି ଅଧିକାରୀ ଭାସ୍କର ପଣ୍ଡା, ମୁଖ୍ୟ ବକ୍ତା ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଯୋଜକ ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନର ପ୍ରଥମ ପର୍ଯ୍ୟାୟରେ ଅତିଥି ରୂପେ ଉତ୍କଳ ଆଲୁମିନା ପ୍ରକଳ୍ପ ମୁଖ୍ୟ ରବି ନାରାୟଣ ମିଶ୍ର, ସିଏସ୍‌ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ସତ୍ୟଭାମା ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଟିକିରି ଗ୍ରାମ ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ମାଝି ଏବଂ ବକ୍ତା ରୂପେ ଶିକ୍ଷକ ଗଣେଶ ମାଳି, ସନ୍ଧ୍ୟା ଅଧିବେଶନରେ ଅତିଥି ରୂପେ ରାୟଗଡ଼ ସଂକୁଳ ପ୍ରମୁଖ ରମେଶ ଚନ୍ଦ୍ର ଜେନା, ବକ୍ତା ରୂପେ ଦକ୍ଷିଣ ସମ୍ଭାଗର ସଭାପତି ରୂପ୍‌ସିଂ ରାଉତ ଯୋଗଦେଇଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଇଁ ଭୂମି ଦାନ କରିଥିବା ସ୍ୱର୍ଗତ ପିତାମ୍ବର ସାହୁ ଏବଂ ଶିଶୁ ବିଦ୍ୟାମନ୍ଦିର ଗଠନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭରତ ଚନ୍ଦ୍ର ଗୁରୁଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ରଜତ ଜୟନ୍ତୀ ଉତ୍ସବରେ କୃଷି ଅଧିକାରୀ ତଥା ଲେଖକ ନିରଞ୍ଜନ ନାୟକ ମଞ୍ଚ ସଂଯୋଜନା କରିଥିବା ବେଳେ ପରିଚାଳନା କମିଟିର ସଭାପତି ସରୋଜିନୀ ନନ୍ଦ, ସମ୍ପାଦକ ପଦ୍ମନାଭ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଜିତ କୁମାର ନାୟକ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସୁତାର, ସଦସ୍ୟ ମହେନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି ଏବଂ ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ଦ୍ୱାରା ଆହୂତ କାର୍ଯ୍ୟକ୍ରମରେ ସଂକୁଳ ପ୍ରମୁଖ, ପ୍ରଧାନ ଆଚାର୍ଯ୍ୟ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ, ପୂର୍ବତନ ପରିଚାଳନା କମିଟି, ଗୁରୁଜୀ ଗୁରୁମା, ସେବକ ସେବିକା ପୂର୍ବତନ ଛାତ୍ରଛାତ୍ରୀ, ଶିଶୁ ବିଦ୍ୟା ମନ୍ଦିର ପାଇଁ ସମର୍ପିତ ବ୍ୟକ୍ତିତ୍ୱ, ସାମ୍ବାଦିକ, ଗାଁ ପ୍ରତିଭା, ନାରୀ ସଂଗଠନ ଶକ୍ତି ବାହିନୀ, ମାତୃ ମଣ୍ଡଳୀ ଏବଂ ବର୍ତ୍ତମାନ କାର୍ଯ୍ୟରତ ଗୁରୁଜୀ ଏବଂ ଗୁରୁମା, ସେବକ ସେବିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କମିଟି କାର୍ଯ୍ୟକର୍ତ୍ତା, ଗୁରୁଜୀ ଗୁରୁମା, ସେବକ ସେବିକା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ଗୁଣ୍ଡାପୁଟରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ସେମିଳିଗୁଡା,୧୨।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଗୁଣ୍ଡାପୁଟ ଗ୍ରାମରେ ହନୁମାନଙ୍କ ମନ୍ଦିର ଓ ହନୁମାନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦୁଇ ଦିନ ଧରି ଯଜ୍ଞ, କଳସଯାତ୍ରା, ହରିନାମ ସଂକୀର୍ତ୍ତନ, ଅନୁଷ୍ଠିତ ହୋଇଥିଲା। ରବିବାର ଉଦ୍‌ଯାପନ ଉତ୍ସବରେ ହନୁମାନଙ୍କର ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ପଟାଙ୍ଗୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଚୈତନ୍ୟ ନନ୍ଦିବାଲୀ, ବରିଷ୍ଠ ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଆଶୁତୋଷ କରକରା, କୁହୁଲୀ ଗୁରୁକୁଳ ଆଶ୍ରମର ଉପାଚାର୍ଯ୍ୟ ମନୁଦେବ ପ୍ରମୁଖ ଯୋଗଦେଇ ଥିଲେ। ବିଭିନ୍ନ ଗ୍ରାମରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

## କନ୍ଧମାଳରେ ପୁଲିସର ବର୍ବରତାକୁ ପ୍ରଦୀପ ମାଝିଙ୍କ ନିନ୍ଦା

# ଆଦିବାସୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ



ରାୟଗଡ,୧୨।୪(ସମିସ): ଚଳିତ ଏପ୍ରିଲ ମାସ ଗତ ୬ ତାରିଖ ଭୋର ପ୍ରାୟ ୩ଟା ରାତ୍ରରେ କଣ୍ଟାମାଳ ଗ୍ରାମରେ ପୁଲିସର ବର୍ବରତାକୁ ଦୃଢ଼ ନିନ୍ଦା କରିଛନ୍ତି ପୂର୍ବତନ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ରାଜ୍ୟ ଅଧ୍ୟକ୍ଷ ପ୍ରଦୀପ ମାଝି। ମା' ମାଟି ମାଳି ସୁରକ୍ଷା ମଞ୍ଚର ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିବା ସହ ଆଦିବାସୀଙ୍କ ସାଙ୍ଗରେ ବିଜେଡି ରହିଥିବା ନେଇ ଶ୍ରୀ ମାଝି ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି। ଆଜି ପୂର୍ବତନ ଏସଡିସି ରାଜ୍ୟ ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ଯୁବନେତା ପ୍ରଦୀପ ମାଝି ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳର କଣ୍ଟାମାଳ ଗ୍ରାମକୁ ଗସ୍ତ କରିଥିଲେ। ରାୟଗଡ଼ା ଜିଲ୍ଲା ବିଜେଡି ମହିଳା ଜନତା ସଭାନେତ୍ରୀ ତଥା ପୂର୍ବତନ ଜିଲ୍ଲା ଏସଡିସି ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବିଜୁ ଯୁବ ଜନତା ଦଳ ରାଜ୍ୟ ସଂପାଦକ ବିନାୟକ ପଲେଇ, ବନ୍ନି ପଟ୍ଟନାୟକ, ପୂର୍ବତନ ଏସଡିସି ସଦସ୍ୟ ପଟା ମାଝି, ଆନନ୍ଦ ମାଝିଙ୍କ ସମେତ ଅନ୍ୟମାନେ କଣ୍ଟାମାଳ ଗ୍ରାମରେ ଗ୍ରାମବାସୀଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ ବହୁ ଯୋଜନା ପ୍ରଣୟନ କରି ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ ନ ହେବା ପାଇଁ ପ୍ରଚେଷ୍ଟା କରିଥିବା ବେଳେ ବର୍ତ୍ତମାନର ଡବଲ ଇଂଜନ ସରକାର ଆଦିବାସୀ ବିରୋଧୀ ନୀତି ଆପଣାଇ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ତଥା ଦାବିକୁ ଅଗ୍ରାହ୍ୟ କରୁ ନ ଥିବା ପ୍ରଦୀପ ମାଝି ଅଭିଯୋଗ ଆଣିଥିଲେ। ଯେ ପର୍ଯ୍ୟନ୍ତ ସିଜିମାଳି ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଆନ୍ଦୋଳନ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ଅନୁସୂୟା ଓ ସରସ୍ୱତୀ ମଧ୍ୟ ଗ୍ରାମବାସୀଙ୍କ ପ୍ରତି ପୁଲିସର ଅତ୍ୟଧିକ ଅମାନବୀୟ ଆକ୍ରମଣ ଓ ବର୍ବରତାକୁ ଦୃଢ଼ ଭାବେ ନିନ୍ଦା କରିବା ସହ ସେମାନଙ୍କ ସାଥିରେ ବିଜୁ ଜନତା ଦଳ ସବୁବେଳେ ରହିଛି ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଥିଲେ। ଆଲୋଚନା ବୈଠକରେ ଗ୍ରାମବାସୀମାନେ ନିଜର ସମସ୍ୟା ଓ ଅଧିକାର ବିଷୟରେ ଅବଗତ କରାଇଥିଲେ।

# ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା ପରିଷଦର କର୍ମଶାଳା



ଜୟପୁର,୧୨।୪(ସମିସ): ଜୟପୁର ସହରର ରାଜୁ ସାହି ଘୋଡାଶାଳ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ କୋରାପୁଟ ଜିଲ୍ଲା ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା ପରିଷଦର ଏକ ବାର୍ଷିକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ରର ପରିଚାଳନା କମିଟିର ସଭାପତି ହରହର କରସୁଧା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଫୋଟ ସମ୍ମୁଖରେ ଦୀପ ଓ ଧୂପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଉଦ୍‌ଘାଟନ କରିବା ସହିତ ମହାପୁରୁଷ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଭାରତ ଅନୁକୂଳ ଶିକ୍ଷାନୀତି ଦ୍ୱାରା ବିଦ୍ୟାଳୟର କାର୍ଯ୍ୟକ୍ରମକୁ ସଫଳତାର ସହିତ ଆଗକୁ ବଢାଇବାକୁ ଆହ୍ୱାନ କରିଥିଲେ। ଏହିଅବସରରେଜିଲ୍ଲାରବିଭିନ୍ନଶିକ୍ଷାନୁଷ୍ଠାନରସମୁଦାୟ୪୨ଜଣଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପଞ୍ଚାନନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

